ରାଜ୍ୟ ପୋଲିସ ମୁଖ୍ୟାଳୟ

ପ୍ରେସ ନୋଟ

୧୪.୦୭.୨୦୨୬

## ଜଗତସିଂହପୁର ଗଣଦୁଷ୍କର୍ମ ମାମଲା: ୩ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଜଗତସିଂହପୁର ଜିଲ୍ଲାରେ ଘଟିଥିବା ଏକ ଗଣଦୁଷ୍କର୍ମ ମାମଲାରେ ଜଗତସିଂହପୁର ଫାଷ୍ଟ ଟ୍ରାକ ସ୍ପେଶାଲ କୋର୍ଟ ଆଜି ଚୂଡ଼ାନ୍ତ ରାୟ ପ୍ରକାଶ କରି ୩ ଜଣ ଅଭିଯୁକ୍ତଙ୍କୁ କଠୋର ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହି ମାମଲାରେ ଭାରତୀୟ ଦଣ୍ଡ ସଂହିତା (IPC) ର ଧାରା ୩୭୬(ଡି) ଏବଂ ୫୦୬ ଅନୁଯାୟୀ କୋର୍ଟ ସମସ୍ତ ତିନି ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହିତ ପ୍ରତ୍ୟେକଙ୍କୁ ୧୦,୦୦୦ ଟଙ୍କା ଲେଖାଏଁ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ପୂର୍ବରୁ କୋର୍ଟ ପୀଡ଼ିତାଙ୍କୁ ଓଡ଼ିଶା କ୍ଷତିପୂରଣ ଯୋଜନା ଅଧୀନରେ ୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।

ମାମଲାର ବିବରଣୀ ଅନୁଯାୟୀ ୨୦୨୪ ମସିହା ଫେବୃଆରୀ ୩ ତାରିଖ ସନ୍ଧ୍ୟାରେ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ନିମକାନା ରେଳ ଷ୍ଟେସନ ନିକଟରେ ଜଣେ ୨୯ ବର୍ଷୀୟା ମହିଳାଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ଏହି ଜଘନ୍ୟ କାଣ୍ଡରେ ସମ୍ପୃକ୍ତ ଥିବା ତିର୍ତ୍ତୋଲ ଥାନା ଅଞ୍ଚଳର ୩ ଜଣ ଅଭିଯୁକ୍ତ ରଞ୍ଜନ କୁମାର ଶିଳ (୨୭), ବିଶ୍ୱରଞ୍ଜନ ନାୟକ (୨୯) ଏବଂ ସୁରେଶ କୁମାର ବେହେରା (୪୦) ଙ୍କୁ ପୋଲିସ ଗିରଫ କରିଥିଲା।

ଓଡ଼ିଶା ପୋଲିସର ମହିଳା ଏବଂ ଶିଶୁ ଅପରାଧ ନିରାକରଣ ଶାଖା, ଭୁବନେଶ୍ୱର ଦ୍ୱାରା ଏହି ମାମଲାର ତଦନ୍ତ କରାଯାଇଥିଲା। ଶାଖାର ଡିଏସପି ଶ୍ରୀମତୀ ଇମାନ କଲ୍ୟାଣ ନାୟକ ଏହି ମାମଲାର ତଦନ୍ତ କରି ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ। ଏହି ଚାର୍ଜସିଟ ଓ ଦୃଢ଼ ପ୍ରମାଣ ଆଧାରରେ ମାନ୍ୟବର କୋର୍ଟ ଆଜି ସମସ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

ମହିଳା ଓ ଶିଶୁମାନଙ୍କ ବିରୋଧରେ ହେଉଥିବା ଅପରାଧ ଗୁଡ଼ିକର ବୈଜ୍ଞାନିକ, ବୃତ୍ତିଗତ ଏବଂ ପୀଡ଼ିତା-କେନ୍ଦ୍ରିକ ତଦନ୍ତ କରି ଅପରାଧୀଙ୍କୁ ଅତି ଶୀଘ୍ର ଆଇନଗତ ଦଣ୍ଡ ଦେବା ପାଇଁ ଓଡ଼ିଶା ପୋଲିସ ଏବଂ ମହିଳା ଏବଂ ଶିଶୁ ଅପରାଧ ନିରାକରଣ ଶାଖାର ରହିଥିବା ଅଙ୍ଗୀକାରବଦ୍ଧତାକୁ ଏହି ସଫଳ ଦଣ୍ଡାଦେଶ ପୁନର୍ବାର ପ୍ରମାଣିତ କରିଛି।

ଜୟନ୍ତ କୁମାର
ଲୋକସମ୍ପର୍କ ଅଧିକାରୀ